ସକାଳ
THE SAKALA



www.sakalaepaper.com

# ୨୩ ମେ’ରେ ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ

ନବରଙ୍ଗପୁର, ୧୯।୪(ସମିସ): ୨୦୨୬-୨୭ ବର୍ଷ ପାଇଁ ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ ଆସନ୍ତା ମେ' ମାସ ୨୩ ତାରିଖରେ ଅନୁଷ୍ଠିତ ହେବ ବୋଲି ଓଡିଶା ଷ୍ଟେଟ ବାର କାଉନସିଲ ନିର୍ଦ୍ଦେଶ ଜାରି କରିଛନ୍ତି । ଚଳିତ ବର୍ଷ ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ ପରିଚାଳନା ସକାଶେ ନିର୍ବାଚନ ଅଧିକାରୀଙ୍କ ଚୟନ ହୋଇ ନ ପାରିବାରୁ ନିର୍ବାଚନ ସ୍ଥଗିତ ରଖାଯାଇଥିଲା । ନିର୍ବାଚନ ପ୍ରକ୍ରୀୟା ଆରମ୍ଭ ହେବା ପୂର୍ବ ଦିନ ନିର୍ବାଚନ ଅଧିକାରୀ ଇସ୍ତଫା ଦେଇଥିଲେ । ଓଡିଶା ଷ୍ଟେଟ ବାର କାଉନସିଲ ପୂନର୍ବାର ଏକ ସାଧାରଣ ବୈଠକରେ ନୂତନ ନିର୍ବାଚନ ଅଧିକାରୀ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । କୋରମ ଅଭାବରୁ ସାଧାରଣ ବୈଠକରେ ନୂତନ ନିର୍ବାଚନ ଅଧିକାରୀଙ୍କ ନିଯୁକ୍ତି ପାରି ନଥିଲା । ଏହାକୁ ଦୃଷ୍ଟିରେ ରଖି ଓଡିଶା ଷ୍ଟେଟ ବାର କାଉନସିଲ ନିର୍ବାଚନ ସ୍ଥଗିତ ରଖିଥିଲେ । ଏହାପରେ ଗତ ୧୭ ତାରିଖରେ ଓଡ଼ିଶା ଷ୍ଟେଟ ବାର କାଉନସିଲ ତାଙ୍କ ପତ୍ର ସଂଖ୍ୟା ଇଏଲଇ/ ୧୭୮୧(୩)/ ୨୦୨୬ ନିର୍ବାଚନ ଅନୁଯାୟୀ ଏକ ସାଧାରଣ ବୈଠକରେ ହୋଇ ଅଧିକାରୀଙ୍କୁ ନିଯୁକ୍ତି କରି ୨୭ ଏପ୍ରିଲ ସୁଦ୍ଧା ଜଣାଇବାକୁ ନବରଙ୍ଗପୁର ଓକିଲ ସଂଘକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନୁଷ୍ଠିତ ହେବାକୁଥିବା ତେବେ ଗତ ୨୮ ମାର୍ଚ୍ଚରେ ଅନୁଷ୍ଠିତ ନିର୍ବାଚନରେ ନିଯୁକ୍ତି ପାଇଥିବା ନିର୍ବାଚନ ଅଧିକାରୀଙ୍କୁ ପୁର୍ନ ବାର ନିଯୁକ୍ତି ନ ଦେବାକୁ ସ୍ୱଷ୍ଟ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ ୨୦ ତାରିଖ ସାଢେ ୯ ଘଣ୍ଟା ସମୟରେ ଏକ ସାଧାରଣ ବୈଠକ ଆହ୍ୱାନ କରାଯାଇଛି ବୋଲି ସଂଘର ସମ୍ପାଦକ ଆଇନଜୀବୀ ତପନ ସିଂ ସୂଚନା ପ୍ରଦାନ କରିଛନ୍ତି ।

## ମାଟି ଉପରେ ପାଇପ୍ ଥୋଇ କାର୍ଯ୍ୟ ସାରିଦେଲା ସଂସ୍ଥା

# ଯୋଜନାର ସଫଳ ରୂପାୟନରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ବିଫଳ

ତେନ୍ତୁଳିଖୁଣ୍ଟି ,୧୯।୪(ସମିସ):

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ବ୍ୟାପକ ଦୁର୍ନୀତିରେ ଉବୁଟୁବୁ ହେଉଥିବା ଅଭିଯୋଗ ହେଉଛି । ବିଭିନ୍ନ ସମୟରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲେ ସୁଦ୍ଧା ଘଣ୍ଟ ଘୋଡା ନୀତିରେ ତେନ୍ତୁଳିଖୁଣ୍ଟି ବ୍ଲକ ପ୍ରଶାସନ ଚୁପ୍ ରହୁଥିବା ଅଭିଯୋଗ ହେଉଛି । ଶହ ଶହ କୋଟି ଟଙ୍କା ବିନିମୟରେ ସରକାର ପ୍ରତି ପରିବାର ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ଲକ୍ଷ୍ୟରେ ମେଗା ପ୍ରକଳ୍ପ ଭଳି ବ୍ୟବସ୍ଥା କରିଛନ୍ତି । କିନ୍ତୁ ତେନ୍ତୁଳିଖୁଣ୍ଟି ବ୍ଲକରେ ବିଭାଗୀୟ ଯନ୍ତ୍ରୀଙ୍କ ଉଚିତ ତଦାରଖ ଅଭାବ ଏବଂ ଠିକା ସଂସ୍ଥା ସହ ମଧୁଚନ୍ଦ୍ରିକା କାରଣରୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଏବଂ ମନମୁଖୀ କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି । ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣରେ ଇନ୍ଦ୍ରାବତୀ କଲେଜ ନିକଟସ୍ଥ ସାହିରେ ମେଗା ପ୍ରକଳ୍ପ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ନଜରକୁ ଆସିଛି । ମେଗା ପ୍ରକଳ୍ପରେ ମାଟିରୁ ଆନ୍ତତଃ ୪ଫୁଟ ତଳେ ପାଇପ ପୋତିବା ପାଇଁ ବ୍ୟବସ୍ଥା ଥିବା ବେଳେ ତରବରିଆ ଭାବେ ଠିକା ସଂସ୍ଥା ମାଟି ଉପରେ ଉପରେ ପାଇପ ବିଛାଇ କାର୍ଯ୍ୟ ଶେଷ କରି ହସ୍ତାନ୍ତର କରିଥିବା ଦେଖିବାକୁ ମିଳୁଛି । ପ୍ରଶାସନିକ ସହଯୋଗ ନ



ମିଳିଲେ ଠିକା ସଂସ୍ଥା କିଭଳି ଏମିତି କାର୍ଯ୍ୟ କରିପାରିବ ବୋଲି ପ୍ରଶ୍ନ କରିବା ସହ ଠିକା ସଂସ୍ଥା ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ମଧ୍ୟରେ ସଲାସୁତାରରେ ଏଭଳି କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି । ଏହା ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରତି ପରିବାର ପାଖରେ ପାଇଖାନା ପହଞ୍ଚାଇବା ଲକ୍ଷ୍ୟରେ କାର୍ଯ୍ୟ କରିଥିଲା । କିନ୍ତୁ ପରିତାପର ବିଷୟ ତାହା ମଧ ସମ୍ପୂର୍ଣ୍ଣ ଭାବରେ ଫେଲ ମାରିଛି । ସରକାରଙ୍କ ବାହ୍ୟ ମଳ ମୁକ୍ତ ଗ୍ରାମ ନାରା କେବଳ କାଗଜ କଲମରେ ସୀମିତ ହୋଇ ରହିଛି । ଅନ୍ୟପକ୍ଷେ ସ୍ୱଚ୍ଛତା ପାଇଁ ସମ୍ପୃକ୍ତ ବିଭାଗ ତରଫରୁ ବ୍ଲକରେ ଶତାଧିକ ଡଷ୍ଟବିନ ନିର୍ମାଣ ହୋଇ ମାସ କେଇଟା ମଧରେ ସେଗୁଡିକ ମାଟିରେ ମିଶି ଯୋଜନା ସମ୍ପୂର୍ଣ୍ଣ ଫେଲ ମରିଲାଣି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ସରକାର ଯେଉଁଭି ବୃହତ୍ତର ସ୍ୱାର୍ଥ ସମ୍ବଳିତ ଯୋଜନା ଆଣିଛନ୍ତି, ସେଗୁଡିକୁ ସଫଳ ରୂପାୟନ ଦେବାରେ ସମ୍ପୃକ୍ତ ବିଭାଗ ତେନ୍ତୁଳିଖୁଣ୍ଟିରେ ସମ୍ପୂର୍ଣ୍ଣ ଫେଲ ମାରିଛି । ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ପାରିନାହିଁ ।

# ଶିଶୁ ବିବାହ, ଶିଶୁ ଶ୍ରମିକ ଘଟଣାରେ ଏଫ୍‌ଆଇଆର୍ ଅନିବାର୍ଯ୍ୟ: ଜିଲ୍ଲାପାଳ



ନବରଙ୍ଗପୁର,୧୯।୪(ସମିସ): ଶିଶୁ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ଆଜି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ତଥା ‘ଶିଶୁଙ୍କ ପାଇଁ ଦିନଟିଏ’ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସିଡିଏମଓ ଡ. ମଳୟ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ , ଏଡିପିଏଚଓ ଡ. ମଳୟ କୁମାର ତ୍ରିପାଠୀ, ଡିଏସ୍‌ପି, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସମସ୍ତ ସିଡିପିଓ ମାନେ ତଥା ଅ°ଗନ ଟ୍ରଷ୍ଟର ପ୍ରଭାସିନୀ ପଟ୍ଟନାୟକ, ଆଭା, ଶୋଭା, ପିରାମଲ ଫାଉଣ୍ଡେସନର ସଦସ୍ୟ ଉପସ୍ଥିତ ଥିଲେ ।“ବୈଠକରେ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଶିଶୁ ସୁରକ୍ଷା ସମ୍ପର୍କିତ ପରିସ୍ଥିତିର ସମୀକ୍ଷା କରି ବିଭିନ୍ନ ବିଭାଗ ଦ୍ୱାରା ଗ୍ରହୀତ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ୧୦୦ ଦିନିଆ ‘ବାଲ୍ୟ ବିବାହ ମୁକ୍ତ ଭାରତ’ ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ୭୮୩ଟି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ସମାଜରେ ସଚେତନତା ବୃଦ୍ଧି କରାଯାଇଛି । ବାଲ୍ୟ ବିବାହ ବିରୋଧରେ ଜିଲ୍ଲା ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯେଉଁଠାରେ ଜାନୁଆରୀରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ୧୫୪ଟି ବାଲ୍ୟ ବିବାହକୁ ବନ୍ଦ କରାଯାଇଛି । ଏହା ସହିତ, ଆଇନ ରୂପାୟନକୁ ଶକ୍ତିଶାଳୀ କରିବା ପାଇଁ ୫ଟି ଏଫ୍‌ଆଇଆର୍ ପଞ୍ଜିକୃତ କରାଯାଇଛି, ଯାହା ଜିଲ୍ଲା ପ୍ରଶାସନର କଠୋର ମନୋଭାବକୁ ପ୍ରକାଶ କରୁଛି । ଚାଇଲ୍ଡଲାଇନ୍ (୧୦୯୮) ମାଧ୍ୟମରେ ୨୦୦ଟି ଶିଶୁ ସୁରକ୍ଷା ସମ୍ପର୍କିତ ଅଭିଯୋଗ ମିଳିଥିବାବେଳେ ସମସ୍ତ କେସରେ ତୁରନ୍ତ ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଶିଶୁ ଶ୍ରମ ବିରୋଧରେ ମଧ ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରି ୬୬ଟି କେସ ଚିହ୍ନଟ କରି ସମସ୍ତ ଶିଶୁଙ୍କୁ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ପ୍ରସ୍ତୁତ କରାଯାଇଛି ଏବଂ ଆବଶ୍ୟକ ସୁରକ୍ଷା ଓ ପୁନର୍ବାସନ ବ୍ୟବସ୍ଥା କରାଯାଇଛି । ବୈଠକରେ ଜିଲ୍ଲାପାଳ ସମସ୍ତ ବିଭାଗକୁ କଠୋର ନିର୍ଦ୍ଦେଶ ଦେଇଥିଲେ ଯେ, ବାଲ୍ୟ ବିବାହ କିମ୍ବା ଶିଶୁ ଶ୍ରମ ଘଟଣା ଚିହ୍ନଟ ହେଲେ ପ୍ରଥମେ ଏଫ୍‌ଆଇଆର୍ ରେଜିଷ୍ଟର କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ । କୌଣସି ପ୍ରକାର ସାଲିସ କିମ୍ବା ବିଳମ୍ବ ସହିତ ମାନ୍ୟ ହେବ ନାହିଁ । ଜିଲ୍ଲା ପ୍ରଶାସନ ଶିଶୁମାନଙ୍କର ସୁରକ୍ଷା, ଅଧିକାର ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦୃଢ଼ ଏବଂ ସଂକଳ୍ପବଦ୍ଧ ଭାବେ କାମ କରୁଛି । ସର୍ବ ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହ୍ନର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଅନୁମୋଦନ ପରେ ବି ହେଉନି ଶିକ୍ଷକଙ୍କ ବଦଳି

ମାଲକାନଗିରି, ୧୯ ।୪(ସମିସ): ଦୀର୍ଘଦିନ ଧରି ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଶିକ୍ଷାଦାନ କରି ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜର କର୍ତ୍ତବ୍ୟ ପ୍ରତିପାଦନ ସମୟରେ ପରିବାର ଠାରୁ ଅନେକ ଦିନ ଧରି ଦୂରରେ ରହିବା ସହ ନାନା ସମସ୍ୟା ସତ୍ୱେ କାର୍ଯ୍ୟକୁ ସୂଚାରୁ ରୂପେ ତୁଲାନ୍ତି । ତେବେ ସମସ୍ତ ଶିକ୍ଷକଙ୍କୁ ସମାନ ଦୃଷ୍ଟିରେ ରଖି ଶିକ୍ଷକ ମାନଙ୍କ ଏହି ସମସ୍ୟା ଦୂର କରିବା ପାଇଁ ସରକାରୀ ସ୍ତରରେ ବଦଳି ପାଇଁ ନିୟମ ରହିଥିବା ବେଳେ ବର୍ଷ ବର୍ଷ ଧରି ଦୁର୍ଗମ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକ ନିଜର ବଦଳି ପାଇଁ ଆବେଦନ କରି ଥିବା ବେଳେ ଏହି ବଦଳି ପାଇଁ ଅନୁମୋଦନ ମିଳିଥିଲେ ହେଁ ଅନେକ ଶିକ୍ଷକଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଉ ନଥିବା ଅଭିଯୋଗ ହୋଇଛି । କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାରୁ । ଜିଲ୍ଲାରେ ଅନେକ ଶିକ୍ଷକ ବର୍ଷ ବର୍ଷ ଧରି ବିଭିନ୍ନ ଦୂର ଦୁରାନ୍ତ ଓ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରି ଆସୁଛନ୍ତି । ତେବେ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନେକ ଶିକ୍ଷକ ନିଜ ପରିବାର ଠାରୁ ଦୂରରେ ରହୁଥିବା ସହ ନାନା ସମସ୍ୟା ଭୋଗୁଥିବାର ଅନେକ ନଜିର ରହିଛି । ତେବେ ଏହି ଶିକ୍ଷକଙ୍କ ସହ ଅନେକ ଶିକ୍ଷକ ସହରାଞ୍ଚଳରେ ରହି ମଧ ବିଭିନ୍ନ ସମସ୍ୟା ଓ କାରଣ ପାଇଁ ନିଜର ଅନ୍ୟତ୍ର ବଦଳି ପାଇଁ ବିଭାଗ ନିକଟରେ ଆବେଦନ କରିବାର ନିୟମ ରହିଛି । ଏହି ନିୟମ ଅନୁଯାୟୀ ମାଲକାନଗିରି ଜିଲ୍ଲାର ବହୁ ଶିକ୍ଷକ ଜିଲ୍ଲା ଭିତରେ ବିଭିନ୍ନ ସ୍ଥାନକୁ ବଦଳି ପାଇଁ ଆବେଦନ କରିଥିଲେ । ଆବେଦନର କିଛି ଦିନ ପରେ ଶିକ୍ଷକ ମାନଙ୍କ ବଦଳିକୁ ଅନୁମୋଦନ ମଧ ମିଳିଥିଲା । ହେଲେ ଏହି ଅନୁମୋଦନ ସତ୍ୱେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବଦଳି ଅନୁମୋଦନ ପାଇଥିବା ଶିକ୍ଷକ ମାନଙ୍କୁ ଅନ୍ୟତ୍ର କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ତଥା ରିଲିଫ ଆଦେଶ ଦିଆଯାଉ ନଥିବାରୁ ସେମାନେ ଆଜି ମଧ ନାନା ସମସ୍ୟା ମଧରେ କାର୍ଯ୍ୟ କରୁଛନ୍ତି । ତେବେ ଯେଉଁ ଶିକ୍ଷକ ମାନେ ବିଭାଗର ନିୟମ ଅନୁଯାୟୀ ବଦଳାଇ ପାଇଁ ଆବେଦନ ପରେ ମଧ ଅନ୍ୟତ୍ର କାର୍ଯ୍ୟରେ ଯୋଗ ଦେଇ ପାରୁନାହାନ୍ତି ସେମାନଙ୍କ ପାଇଁ ଏହା ଏକ ମାନସିକ ଚାପର କାରଣ ହୋଇଥିବା ଅଭିଯୋଗ ହୋଇଛି । ଅନେକ ଶିକ୍ଷକ ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି ଯେ, ନାନା ସମସ୍ୟା ଯୋଗୁଁ ଆମେ ବିଭାଗ ନିକଟରେ ବଦଳାଇ ପାଇଁ ଆବେଦନ କରି ଅନୁମୋଦନ ପାଇଥିଲେ ମଧ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆମକୁ ଅନ୍ୟତ୍ର କାର୍ଯ୍ୟରେ ଯୋଗ ଦେବାକୁ ରିଲିଫ ଆଦେଶ ପ୍ରଦନା କରାଯାଉ ନଥିବାରୁ ଆମେ ମାନସିକ ଚାପରେ ରହୁଛୁ । ଏହା ସହ ଦୂର ଦୁରାନ୍ତରେ ଦୀର୍ଘ ଦିନ ଧରି କାର୍ଯ୍ୟ କରି ବର୍ତ୍ତମାନ ନିଜ ସମସ୍ୟା ସମୟରେ ପରିବାର ନିକଟକୁ ମଧ ଆମେ ସଠିକ ଭାବେ ଯାଇ ପାରୁନଥିବା ନେଇ ଶିକ୍ଷକ ମାନେ ଅଭିଯୋଗ କରିଛନ୍ତି । ଏହି ଶିକ୍ଷକ ମାନଙ୍କ ଏକ ବଡ ଅଭିଯୋଗ ହେଉଛି ଯେ, ଶିକ୍ଷା ବିଭାଗର ଆମର ବଦଳି ନିମନ୍ତେ ଗତ ୧୭/୦୧/୨୦୨୬ ମସିହାରେ ପତ୍ର ସଂଖ୍ୟା ୮୯୩ରେ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ଶିକ୍ଷକ ମାନଙ୍କ ଜିଲ୍ଲା ଭିତରେ ବଦଳି ହୋଇଛି ସେମାନଙ୍କୁ ୩୧/୦୧/୨୦୨୬ ରିଲିଫ କରାଯାଇ ନୂତନ ସ୍ଥାନରେ ଯୋଗ ଦେବାକୁ । ଏହି ନିର୍ଦ୍ଦେଶକୁ ଜିଲ୍ଲା ଶିକ୍ଷା ଅଧିକାରୀ ପାଳନ କରି ନଥିବା ବେଳେ ଚଳିତ ଶିକ୍ଷା ବର୍ଷରେ ପୁନଃ ଏହି ବଦଳି ପ୍ରକ୍ରିୟା ପାଇଁ ବିଭାଗ ପକ୍ଷରୁ ଚିଠି ହୋଇଛି । ପୂର୍ବ ବଦଳି ନିର୍ଦ୍ଦେଶ ବର୍ତ୍ତମାନ ସୁଧା କାର୍ଯ୍ୟକ୍ଷମ ହୋଇ ନଥିବା ବେଳେ ପୁଣି ନୂତନ ବଦଳି ନିର୍ଦ୍ଦେଶ ଆସିବା ପରେ ଏହାକୁ ନେଇ ଶିକ୍ଷକ ସମାଜ କ୍ଷୋଭ ପ୍ରକାଶ କରିଛି । ଶିକ୍ଷକ ମାନଙ୍କ ଏହି ସମସ୍ୟାକୁ ନେଇ ଆମେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ବଦଳି ପାଇଁ ଆବେଦନ କରିଥିବା ଶିକ୍ଷକ ମାନଙ୍କୁ ଅନୁମୋଦନ ମିଳିବା ସମୟରେ ପରୀକ୍ଷା ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟର ଚାପ ରହିଥିଲା । ତେବେ ଜିଲ୍ଲା ବାହାରକୁ ବଦଳି ହୋଇଥିବା ପ୍ରାୟ ସମସ୍ତ ଶିକ୍ଷକ ମାନଙ୍କୁ ବଦଳି କରାଯାଇଥିବା ବେଳେ ଜିଲ୍ଲା ଭିତରେ ବଦଳି ହୋଇଥିବା ଶିକ୍ଷକଙ୍କୁ ଏହି କାରଣରୁ ରିଲିଫ କରାଯାଇ ନଥିଲା । ଚଳିତ ମାସ ଶେଷ ସୁଧା ଏହି ଶିକ୍ଷକ ମାନଙ୍କୁ ସେମାନଙ୍କ ବଦଳି ହୋଇଥିବା ସ୍ଥାନକୁ ସ୍ଥାନାନ୍ତର କରଯିବ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

■ ଇନ୍ଦିରାପଡା ଆମ୍ବେଦକର କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବିଶ୍ୱନାଥପୁର ଚାମ୍ପିଅନ୍



ଅମ୍ବାଦଳା, ୧୯।୪ (ସମିସ): ଇନ୍ଦିରାପଡା ଆମ୍ବେଦକର କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଉତ୍ସାହମୟ ପରିବେଶରେ ସମ୍ପନ୍ନ ହୋଇଛି । ଏହି ଫାଇନାଲ ପ୍ରତିଯୋଗିତାରେ ବିଶ୍ୱନାଥପୁର ଓ ଇନ୍ଦିରାପଡା ଦଳ ମୁହାଁମୁହିଁ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ବେଦାନ୍ତ ଆଲୁମିନା କମ୍ପାନୀର ବହିରବିଭାଗ ମୁଖ୍ୟ ଭଗବାନ ହୋତା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଦୁଇ ଦଳ ମଧ୍ୟରେ ରୋମାଞ୍ଚକର ମ୍ୟାଚ ଦେଖିବାକୁ ମିଳିଥିଲା । ଖେଳର ଆରମ୍ଭରୁ ଦୁହେଁ ଦଳ ଜୋରଦାର ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଆନନ୍ଦିତ କରିଥିଲେ । ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠା ଜାରି ରହିଥିଲା ଓ ଶେଷରେ ବିଶ୍ୱନାଥପୁର ଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଇନ୍ଦିରାପଡା ଦଳକୁ ପରାଜିତ କରି ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚ ଦେଖିବା ପାଇଁ ବହୁ ସଂଖ୍ୟକ କ୍ରିକେଟ ପ୍ରେମୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ କିରଣ କୁମାର ପଟ୍ଟନାୟକ, ପ୍ରତୀକ୍ଷା ଦେବୀ, ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ ଓ ଜଗନ୍ନାଥ ପ୍ରସାଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିବା ବେଳେ ଶେଷରେ ବିଜୟୀ ବିଶ୍ୱନାଥପୁର ଦଳକୁ ଟ୍ରଫି ସହ ୨୧,୧୧୧ ଟଙ୍କା ଓ ରନର୍ସ ଇନ୍ଦିରାପଡା ଦଳକୁ ଟ୍ରଫି ସହ ୧୩, ୩୩୩ ଟଙ୍କା ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

# ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପରଲୋକ





ଅମ୍ବାଦଳା, ୧୯।୪ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଅଞ୍ଚଳର ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର ପାଢ଼ୀ ଓ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଦୁର୍ଗାଙ୍କ ପରଲୋକ ଘଟିଛି । ତାଙ୍କ ମୃତ୍ୟୁରେ ଶିକ୍ଷା ମଣ୍ଡଳୀ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେମାନେ ବର୍ଷାଧିକ ସମୟ ଧରି ଶିକ୍ଷା ସେବାରେ ନିୟୋଜିତ ରହି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ଅପୂର୍ବ ଅବଦାନ ରଖିଥିଲେ । ସ୍ୱର୍ଗତ ପାଢ଼ୀ ଓ ଦୁର୍ଗା ଦୁହେଁ ତାଙ୍କର ନିଷ୍ଠା, ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଅସୀମ ସ୍ନେହ ପାଇଁ ସଦା ସ୍ମରଣୀୟ ରହିବେ । ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଅବଦାନ ଅମର ରହିବ ବୋଲି ସହକର୍ମୀ ଓ ପୁରାତନ ଛାତ୍ରଛାତ୍ରୀମାନେ ମତ ପ୍ରକାଶ କରିଛନ୍ତି । ତାଙ୍କ ଦେହାନ୍ତରେ ବିଦ୍ୟାଳୟ ପରିବାର ଏକ ଅପୂରଣୀୟ କ୍ଷତିର ସମ୍ମୁଖୀନ ହୋଇଛି । ଶ୍ରୀ କିଶୋର ଚନ୍ଦ୍ର ପାଢ଼ୀ ଅମ୍ବାଦଳା ଯୋଶୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେବା ଦେଇ ୨୦୦୭ ମସିହାରେ ଅବସର ଗ୍ରହଣ କରିଥିଲେ । ସେହିପରି ଶ୍ରୀମତୀ ଲକ୍ଷ୍ମୀ ଦୁର୍ଗା ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ରହି ୨୦୦୫ ମସିହାରେ ଅବସର ନେଇଥିଲେ । ବିଭିନ୍ନ ସଂଗଠନ, ଶିକ୍ଷକ ସଂଘ ଓ ସ୍ଥାନୀୟ ଲୋକମାନେ ଗଭୀର ଶୋକ ପ୍ରକାଶ କରିଥିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି । ଶେଷ ଦର୍ଶନ ପାଇଁ ଅନେକ ଲୋକ ଭିଡ଼ ଜମାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ

ଅମ୍ବାଦଳା,୧୯।୪(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳନ ହୋଇଯାଇଛି । ଏହି ପବିତ୍ର ଅବସରରେ ସ୍ଥାନୀୟ ବ୍ରାହ୍ମଣ ସମାଜର ପକ୍ଷରୁ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉତ୍ସବ ଆରମ୍ଭରେ ବିଧିବତ୍ ବରୁଣ ଆବାହନ କରାଯାଇ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ପରେ ଭକ୍ତିମୟ ପରିବେଶ ମଧ୍ୟରେ କୀର୍ତ୍ତନ ମଣ୍ଡଳୀଙ୍କ ସହଭାଗିତାରେ ଏକ ଭବ୍ୟ ନଗର ପରିକ୍ରମା ଆୟୋଜିତ ହୋଇଥିଲା । ପର୍ଶୁରାମଙ୍କ ରଥକୁ ସୁସଜ୍ଜିତ କରି ଶତାଧିକ ମହିଳା ଓ ପୁରୁଷ ଭଜନ-କୀର୍ତନ କରି ନଗର ପରିକ୍ରମାରେ ଅଂଶଗ୍ରହଣ କରିଥିଲେ । ସମଗ୍ର ଅଞ୍ଚଳ ଧାର୍ମିକ ଉତ୍ସାହ ଓ ଆନନ୍ଦରେ ମହିମାନ୍ୱିତ ହୋଇଯାଇଥିଲା । ନଗର ପରିକ୍ରମା ପରେ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇ, ସମାଜର ଏକତା, ପାରମ୍ପରିକ ମୂଲ୍ୟବୋଧ ଓ ଧାର୍ମିକ ସଂସ୍କୃତିର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା । ବକ୍ତାମାନେ ଭଗବାନ ପର୍ଶୁରାମଙ୍କ ଆଦର୍ଶ ଓ ଜୀବନ ଦର୍ଶନକୁ ଅନୁସରଣ କରିବାକୁ ସମାଜକୁ ଆହ୍ୱାନ କରିଥିଲେ । ଶେଷରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇ ଉତ୍ସବର ସମାପ୍ତି ଘଟିଥିଲା । ଏହି ଅବସରରେ ସ୍ଥାନୀୟ ଲୋକଙ୍କର ବ୍ୟାପକ ସମାଗମ ଦେଖିବାକୁ ମିଳିଥିଲା ।

# ଓଡ଼ିଶା ଅମଲା ସଂଘର ସମ୍ମିଳନୀ ଆୟୋଜନ ପାଇଁ ଦାବି

ଜୟପୁର,୧୯ ।୪(ସମିସ): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ଦାବି ପୂରଣ ନ ହେବା ଦ୍ୱାରା ଅମଲା ମାନେ ଅସନ୍ତୋଷ ବୈଠକରେ ପ୍ରକାଶ କରିଛନ୍ତି । କିନ୍ତୁ ଏଥିପ୍ରତି ରାଜ୍ୟ ସଂଘକୁ ଅବଗତ କରାଗଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦେଉ ନାହାଁନ୍ତି । ଆସନ୍ତା ତ୍ରୟବାର୍ଷିକ ସମ୍ମିଳୀ କୋରାପୁଟ ଜିଲ୍ଲାରେ ଆୟୋଜନ କରିବାକୁ ଦାବି କରାଯାଇଥିଲା । ଏହି ବୈଠକରେ ରାଜ୍ୟ ସଂଘ ଉପରେ ଜିଲ୍ଲା ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ଦୋଷାରୋପ କରିଥିଲେ ଯେ, ରାଜ୍ୟ ସଂଘର କର୍ମକର୍ତ୍ତା ମାନେ ନିଜ ନିଜ ସ୍ୱାର୍ଥରେ ରହୁଥିବା ବେଳେ ବାରମ୍ବାର ରାଜ୍ୟ ସଂଘ ର ଦୃଷ୍ଟି ଆକର୍ଷଣ କଲେ କୌଣସି ଏଥିନେଇ କୌଣସି ସମାଧାନ କରାଯାଉନାହିଁ ବୋଲି ରାଜ୍ୟ ସଂଘର ଅତିରିକ୍ତ ସାଧାରଣ ସମ୍ପାଦକ ଶଶିଭୂଷଣ ଦାଶ ଅଭିଯୋଗ କରିଛନ୍ତି । ଏହିପରି ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକି ସମ୍ମିଳନି କୋରାପୁଟ ଜିଲ୍ଲାରେ କରିବା ନିମନ୍ତେ ଅତିରିକ୍ତ ସାଧାରଣ ସମ୍ପାଦକ ଶ୍ରୀ ଦାଶ ବାରମ୍ବାର ଦାବି କରୁଥିବାରୁ ତାଙ୍କ ବିରୋଧରେ ରାଜ୍ୟ ସଂଘର କାର୍ଯ୍ୟାନୁଷ୍ଠାନକୁ ଜିଲ୍ଲା ସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ଘୋର ବିରୋଧ ସହିତ ନିନ୍ଦା କରିଥିଲେ । ଏହିପରି ଅତିରିକ୍ତ ସାଧାରଣ ସମ୍ପାଦକ ଭାବେ ଶ୍ରୀ ଦାଶଙ୍କୁ ଗୃହ ବିଭାଗ ସ୍ୱୀକୃତି ଦେଇଛନ୍ତି । ରାଜ୍ୟ ସଂଘ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବନି ବୋଲି ନିଜେ ଶ୍ରୀ ଦାଶ ବୈଠକରେ ମତ ଦେଇଛନ୍ତି । ଏ ନେଇ ରାଜ୍ୟ ଗୃହ ସଚିବ ଙ୍କୁ ଚିଠି ଲେଖି କୋରାପୁଟ ଆଦିବାସୀ ସଂଗ୍ରାହଳୟ ଠାରେ ଆସନ୍ତା ମେ ମାସ ୨୩ ଓ ୨୪ ତାରିଖରେ ତ୍ରୋୟବାର୍ଷିକକୀ ସମ୍ମିଳନୀ କରିବା ନିମନ୍ତେ ଅନୁମତି ନେବା ନେଇ ସୁଚନା ଦେଇଥିଲେ । ରାଜ୍ୟ ସଂଘ ନେତୃବୃନ୍ଦଙ୍କ ମନମୁଖୀ ଶାସନ ଓ ଆକ୍ରୋଶମୁଳକ ମନୋଭାବକୁ ସମସ୍ତେ ନିନ୍ଦା କରିବା ସହିତ ତାଙ୍କ ବିରୁଦ୍ଧରେ ବିଭିନ୍ନ ଜିଲ୍ଲାରେ ଆନ୍ଦୋଳନ ହେବ ବୋଲି ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ସଂଘର ସଭାପତି ଜଗନ୍ନାଥ ମାଝୀ, ସଂଗଠନିକ ସମ୍ପାଦକ କୈଳାସ ସାମନ୍ତରାୟ, ଉପସଭାପତି ସଞ୍ଜୟ କୁମାର ରଥ , ଯୁଗ୍ମ ସମ୍ପାଦିକା ସୁଜାତା ମହାପାତ୍ର, ବରିଷ୍ଠ ସଦସ୍ୟ ତ୍ରିନାଥ ପଣ୍ଡା , ସଂଯୁକ୍ତା ନାୟକ, ବାଳ ଗୋପାଳ ମିଶ୍ର, ରଜନୀକାନ୍ତ ଘଡେଇ ଓ ସୁଦର୍ଶନ ସାହୁଙ୍କ୍ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ

ରାୟଗଡ଼ା,୧୯।୪(ସମିସ):




ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ଏକ ବଡ଼ ସଫଳତା ହାସଲ କରିଛି । ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଯାହା ଟନେଲ୍ ନିର୍ମାଣ ଇତିହାସରେ ଏହାକୁ ଏକ ଅତ୍ୟନ୍ତ ସଫଳ ବର୍ଷ ଭାବେ ପ୍ରତିପାଦିତ କରିଛି । ଏହି କ୍ରମରେ ଶେଷ ସଫଳତା ଭାବେ ଏପ୍ରିଲ ୧୪, ୨୦୨୬ରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍‌ଥ୍ରୁ ହୋଇଛି । ଏକ ଚ୍ୟାଲେଞ୍ଜପୂର୍ଣ୍ଣ ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି । ଉଭୟ ପାର୍ଶ୍ୱରୁ ଏକକାଳୀନ ଖନନ କରାଯାଇ ଶତପ୍ରତିଶତ ସଠିକତା ସହ ଏହାର ସଂଯୋଗ କରାଯାଇଛି, ଯାହାକି ଉନ୍ନତ ଇଞ୍ଜିନିୟରିଂ କୌଶଳ ଓ ସଠିକ ସର୍ବେକ୍ଷଣର ପ୍ରମାଣ ଦେଉଛି । ଏଥିସହିତ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ ରେଳ ଲାଇନ୍ ପ୍ରକଳ୍ପରେ ମଧ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଏହି ରୁଟ୍‌ର ସବୁଠାରୁ ଲମ୍ବା ଟନେଲ୍ ଟି -୪ (୪,୧୮୫ ମିଟର) ଏବଂ ଟନେଲ୍ ଟି -୨ (୧,୭୭୫ ମିଟର) ର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଏହା ବ୍ୟତିତ ଜୁଲାଇ ୨୦୨୫ରେ ଟି-୫ ଓ ଟି -୬ (ପ୍ରତ୍ୟେକ ୨୫୦ ମିଟର) ଏବଂ ନଭେମ୍ବର ୨୦୨୫ରେ ଟି-୭ (୧,୯୭୫ ମିଟର) ଟନେଲର ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ବର୍ଷକ ମଧ୍ୟରେ ମୋଟ ୭,୦୫୧ ମିଟର ଟନେଲ୍ ଖନନ କରାଯାଇଛ ଏବଂ ୨,୪୭୫ ମିଟର ଲାଇନିଂ କାର୍ଯ୍ୟ ସହ ଅନ୍ୟାନ୍ୟ ସଂଲଗ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ଏହା ସହିତ କୋରାପୁଟ-ରାୟଗଡ଼ା ଏବଂ କୋରାପୁଟ-ସିଙ୍ଗାପୁର ରୋଡ କରିଡର ସମେତ ପ୍ରମୁଖ ଦୋହରୀକରଣ ସେକ୍ସନରେ ଅତିରିକ୍ତ ସଫଳତା ମିଳିଛି । ଏହି ସଫଳତା ଦ୍ୱାରା ଉପକୂଳ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବୃଦ୍ଧି ପାଇବା ସହ ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକ ଅର୍ଥନୀତିର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ପ୍ରାକୃତିକ ବାଧାବିଘ୍ନ ସତ୍ତ୍ୱେ ପୂର୍ବତଟ ରେଳପଥର ଏହି ନିରନ୍ତର ପ୍ରୟାସ ଆଧୁନିକ ରେଳ ସେବାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

● ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍

# କ୍ଲବ୍ କ୍ରୀଡ଼ାରେ କବାଡି, ଖୋଖୋ ଫାଇନାଲ ମ୍ୟାଚ୍



ନବରଙ୍ଗପୁର,୧୯।୪ (ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘର ମିଳିତ ଆନକୂଲ୍ୟରେ ରାଜ୍ୟ ସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ କ୍ଲବ ସ୍ତରୀୟ ଭଲିବଲ୍ , କବାଡି , ଫୁଟବଲ୍ ଏବଂ ଖୋଖୋ ଟୁର୍ଣ୍ଣାମେଣ୍ଟ ନବରଙ୍ଗପୁର ଷ୍ଟାଡିୟମ୍ ଠାରେ ଚାଲିଛି । ବାଳକ କବାଡି ପ୍ରତିଯୋଗିତାର ଫାଇନାଲରେ ଉମରକୋଟ କ୍ଲବ୍ , ବାଳିକା କବାଡିରେ ନବରଙ୍ଗପୁର ରିଲାଇନ୍ସ ସ୍ପୋର୍ଟି କ୍ଲବ୍ ଚାମ୍ପିଅନ୍ ହୋଇଛି । ସେହିପରି ଖୋଖୋ ପ୍ରତିଯୋଗିତାର ଫାଇନାଲରେ ବାଳକ ବିଭାଗରେ ବେଲଗାମ କ୍ଲବ୍ ଦଳ ବିଜୟ ହୋଇଥିବା ବେଳେ ବାଳିକା ବିଭାଗରେ ଚଟାଗୁଡ଼ା କ୍ଲବ ଦଳ ଚାମ୍ପିୟନ୍ ହୋଇଛି । ଏହି ଉପଲବ୍ଠଧ ପରେ ସମସ୍ତ କ୍ରୀଡ଼ାବିତ୍‌କୁ କ୍ରୀଡା ସଂଘର ସମ୍ପାଦକ ପ୍ରହାଲାଦ ତ୍ରିପାଠୀ, ଉପ ସଭାପତି ଏମ. ବାଲା କ୍ରୀଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ଗହଣ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ କ୍ରିକେଟ ସମ୍ପାଦକ ଅଶୋକ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ଭଲିବଲ୍, ଖୋକ, କବାଡି ଏବଂ ଫୁଟବଲ୍ ବିଭାଗରେ ଜିଲ୍ଲାର ଉଭୟ ବରିଷ୍ଟ ଏବଂ କନିଷ୍ଟ ବର୍ଗର ୧୦ ଗୋଟି ବାଳକ ଏବଂ ୬ ଗୋଟି ବାଳିକା କ୍ଲବ ଦଳ ଭାଗ ନେଉଛନ୍ତି । କ୍ରୀଡା ଶିକ୍ଷକ କାଳି କିଙ୍କର ପଟ୍ଟନାୟକ, ସପନ ବୈରାଗୀ, ବିଭାଶିସ ଦେ ସମେତ ଜିଲ୍ଲାର ମଙ୍ଗଳ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଉକ୍ତ ଖେଳ କୁ ପରିଚାଳନା କରିଛନ୍ତି । କ୍ରୀଡା ସଂଘର ସଦସ୍ୟ ଶଶାଙ୍କ ଶେଖର ବେହେରା ଦୁର୍ଯ୍ୟ ହରିଜନ, ଜି . ଚନ୍ଦ୍ର ଶେଖର ରାଜା, ହରିଶ୍ଚନ୍ଦ୍ର ସାନ୍ତା , ଅଜିତା ଦାସ ପ୍ରମୁଖ ସହଯୋଗ କରୁଛନ୍ତି ।

## ରାୟଗଡ ଜିଲ୍ଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ

# ଦଳୀୟ ସଂଗଠନ ମଜଭୁତ୍ କରିବାକୁ ଆହ୍ୱାନ



ରାୟଗଡ,୧୯।୪ (ସମିସ): ରବିବାର ରାୟଗଡ ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଭାକୁରଗୁଡା ସ୍ଥିତ ସ୍ଥାନୀୟ ପ୍ରସାଦ ରିସୋର୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଏବଂ ରାୟଗଡ ବ୍ଲକ୍ ସଭାପତି ପ୍ରତାପ ପେଦେଂଟିଙ୍କ ମିଳିତରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ସୁଧୀର କୁମାର ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର ରାଓ, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ପୂର୍ବତନ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବରିଷ୍ଠ ନେତା ଅଶ୍ୱିନ ଗମାଙ୍ଗ, ବ୍ରଜସୁନ୍ଦର ନାୟକ,ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ଉଦିତ୍ ହିମିରିକା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପ,ଦୀପ,ଧୂପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାୟଗଡ ଜିଲ୍ଲାରେ ବିଜେଡି ଦଳ ପ୍ରତି ଆଜି ମଧ୍ୟ ଲୋକଙ୍କ ବହୁ ଭଲ ପାଇବା ଓ ସମର୍ଥନ ରହିଛି। ଲୋକେ ଚାହୁଁଛନ୍ତି ବିଜେଡି ପୁଣି ଶାସନ କ୍ଷମତାକୁ ଫେରି ସେମାନଙ୍କ ମୌଳିକ ଅଧିକାର ଓ ଓଡିଶାର ବିକାଶକୁ ଆଗେଇ ନେଉ ବୋଲି ଜିଲ୍ଲା ସଭାପତି ଶ୍ରୀ ସାରକା ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଣି ଥରେ ପୂର୍ବପରି ଜିଲ୍ଲାର ସମସ୍ତ ବିଜେଡି କର୍ମୀ, ପଦାଧିକାରୀ, ନେତୃମଣ୍ଡଳୀ ଓ ସମର୍ଥନକାରୀମାନେ ଏକତ୍ରିତ ହୋଇ ଦଳକୁ ଆହୁରି ସୁସଂଗଠିତ କରିବା, ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ତତ୍କାଳୀନ ବିଜେଡି ସରକାର ସମସ୍ତ ବର୍ଗଙ୍କ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା ପ୍ରଣୟନ କରି ହିତାଧିକାରୀମାନଙ୍କୁ ଲାଭାନ୍ୱିତ କରିଥିବା ବେଳେ ବର୍ତ୍ତମାନର ବିଜେପି ସରକାରର ଦୁଇ ବର୍ଷ ଶାସନରେ ନାରୀ ନିର୍ଯ୍ୟାତନା, ଦରଦାମ ବୃଦ୍ଧି, ଘୋଷଣା ହୋଇଥିବା ଭତ୍ତା ହିତାଧିକାରୀଙ୍କୁ ନ ମିଳିବା, ଜିଲ୍ଲାର ବଂଶଧାରା ନେରେଡି ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ସମର୍ଥନ ଦେବା ଓ ଜିଲ୍ଲାରେ ବିକାଶ ଏକ ପ୍ରକାର ଠପ୍ ହୋଇପଡିବା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା, ଆଦିବାସୀଙ୍କ ଉପରେ ଜୁଲୁମ ଭଳି ଘଟଣା ଯୋଗୁଁ ଲୋକେ ଅତିଷ୍ଠ ହେଲେଣି ବୋଲି କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର ରାଓ କହିଥିଲେ। ସେହିପରି ବିଜୁ ଲିଗାସୀ ନାମରେ ଜିଲ୍ଲାରେ ଅନେକ ନେତାମାନେ ଦଳକୁ ନ ପଚାରି କେଉଁ ସ୍ଥାନରୁ ଯାଇ କେଉଁ ସ୍ଥାନରେ ପହଞ୍ଚିଛନ୍ତି ଏବଂ ଲୋକେ ତାଙ୍କୁ କିଭଳି ସମ୍ମାନ ଦେଉଛନ୍ତି ତାହା ଜିଲ୍ଲାରେ କାହାକୁ ଅଛପା ନାହିଁ। ଯେହେତୁ ଆଜି ମଧ୍ୟ ଲୋକେ ବିଜେଡି ପ୍ରତି ଭଲ ପାଇବା ରଖିଛନ୍ତି। ସେହି ଆଶାକୁ ପୁଣି ଉଦ୍‌ଜୀବିତ କରି ରଖିବା ପାଇଁ ଆମେ ସମସ୍ତେ ସେମାନଙ୍କ ନିକଟକୁ ଯାଇ ସମସ୍ୟାର ସମାଧାନ ଓ ମୌଳିକ ଦାବିଗୁଡିକ ପୂରଣ କ୍ଷେତ୍ରରେ ପ୍ରଶାସନ ଓ ସରକାରଙ୍କ ଠାରେ ଉପସ୍ଥାପନ କଲେ ନିଶ୍ଚିତ ଭାବେ ଜିଲ୍ଲାରେ ସଂଗଠନ ଆହୁରି ମଜବୁତ ହେବ ବୋଲି ଶ୍ରୀ ରାଓ କହିଛନ୍ତି। ସେହିପରି ମଞ୍ଚାସୀନ ପଦାଧିକାରୀମାନେ ଜିଲ୍ଲାରେ ବିଜେଡି ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିବା ବେଳେ ଆଗାମୀ ୩ ମାସରେ ଗୁଣପୁର ଓ ପରେ ବିଷମକଟକ ନିର୍ବାଚନ ମଣ୍ଡଳୀରେ ଏଭଳି ବୈଠକ ଆୟୋଜିତ କରିବା ପାଇଁ ଜିଲ୍ଲା ସଭାପତିଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଜିଲ୍ଲା କମିଟିର ପଦାଧିକାରୀ ଗଗନ ଆଚାର୍ଯ୍ୟ, ଗଦାବରୀ ରାଉତ, ଧବେଳଶ୍ୱର ନାଇଡୁ, ଶଙ୍କର ହୁଇକା, ସତ୍ୟନାରାୟଣ ପାଢୀ, ଇଶ୍ୱର ପଣ୍ଡା, ଏମ.ଧର୍ମେନ୍ଦ୍ର, ଗଣେଷ ସାଉଁତା, ସୁବାଷ ଗୌଡ, ଏମ.ପ୍ରସାଦ ରାଓ, ଉର୍ଜଳା ମାଝି, ଧନୁ ମାଝି, ଦେବୀ ପ୍ରସାଦ ପଟ୍ଟନାୟକ, ଏସ.ନାଇଡୁ, ଦୁଖୁ ଗୌଡ, ଜି.ଶ୍ରୀନିବାସ ରାଓ, ରାମଚନ୍ଦ୍ର ପାଢୀ, ଅଶୋକ ପଣ୍ଡା, ସୁମନ ଖୋସଲା ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଭିଡିଓ ବାର୍ତ୍ତା ମାଧ୍ୟମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲ୍ଲା କମିଟି କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ଉଦ୍ଦେଶ୍ୟରେ ଓଡିଶାର ବିକାଶ ପାଇଁ ଆମେ ସର୍ବଦା ଚେଷ୍ଟା କରି ଆସୁଛୁ ଏବଂ ଲୋକଙ୍କ ସହ ଯୋଗାଯୋଗ କରି ରହିବା, ବିଜେପି ସରକାର ଏବେ ଓଡିଶାବାସୀଙ୍କ ପାଇଁ ଏକ ବଡ଼ବୋଝ ପାଲଟି ଗଲାଣି। ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ, ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ପାଇଁ ,ଚାଷୀର ହକ ଓ ଯୁବ ସମାଜର ଭବିଷ୍ୟତ ପାଇଁ ଆମକୁ ଲଢିବାକୁ ହେବ ଏବଂ ମିଥ୍ୟା ପ୍ରଚାର ବିରୁଦ୍ଧରେ ମଧ୍ୟ ଆମକୁ ଲଢିବାକୁ ହେବ ଏବଂ ଓଡିଶାବାସୀଙ୍କ ଭରସାକୁ ସମ୍ମାନ ଦେଇ ଏହି ଲଢେଇକୁ ଆହୁରି ଜୋରଦାର କରିବା ବୋଲି ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କିଶୋର ଚନ୍ଦ୍ର ପଣ୍ଡା, ଅମ୍ବିକା ବିଡିକା,କୁମାରୀ ପାଲକା,ରାଜ୍ୟ ବିଜେଡି ଯୁବ ସାଧାରଣ ସଂପାଦକ ବିନାୟକ ପଲେଇ,ପି.ମଣି ରତ୍ନମ,ମାଧାରାଓ କଣ୍ଡାଗରୀ,ସନ୍ତୋଷ ରଥ, କୋଲନରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲେଶିକା,ଇପିଲି ନାଗଲକ୍ଷ୍ମୀଙ୍କ ସମେତ ଜିଲ୍ଲାର ୧୧ଗୋଟି ବ୍ଲକର ବ୍ଲକ ସଭାପତି ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

### ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଅ : ଜଗନ୍ନାଥ

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ଗୁରୁତର

### ● ଉଦ୍ଧାର କଲେ ଅଗ୍ନିଶମ ବାହିନୀ

ଉମରକୋଟ,୧୯।୪(ସମିସ): ରବିବାର ପୂର୍ବାହ୍ନରେ ଉମରକୋଟ ଡ଼ିଏନକେ ଗପବନ୍ଧୁ ଛକ ନିକଟରେ ଗୋଟିଏ ମାଙ୍କଡ଼ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଆହତ ମାଙ୍କଡ଼ଟିକୁ ଉଦ୍ଧାର କରି ପ୍ରାଣୀ ଚିକତ୍ସା କେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ମାକଡ଼ଟିକୁ ଉମରକୋଟ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ମାଙ୍କଡ ଟିର ବାମ ପାଶ୍ୱର୍ ପଛ ଗୋଡ ଓ ମୁଣ୍ଡରେ ଆଘାତ ଲାଗିଛି। ମାଙ୍କଡ଼ ଉଦ୍ଧାର ସମୟରେ ଦମକଳ କେନ୍ଦ୍ରର କେନ୍ଦ୍ର ଅଧିକାରୀ ଭାଗୀରଥି ବାଣ୍ଡୁଆ, ହାବିଲଦାର ହରିଶଙ୍କର ସୁନାନୀ, ଡ୍ରାଇଭର ହାବିଲଦାର ଜଗଦୀଶ କାଣ୍ଡ , ଅଗ୍ନି ଯୋଦ୍ଧା ଚନ୍ଦ୍ର ମଣୀ ମେହେର , ଯଦୁମଣି କୋକ , ନକୁଳ ବାଦୀ ଓ ଧର୍ମେନ୍ଦ୍ର ସା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଉମରକୋଟ ଫରେଷ୍ଟର ଆକୁଳ ବୈରାଗୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।। ଜଙ୍ଗଲରେ ଖାଦ୍ୟ ମିଳୁନଥିବାରୁ ବନ୍ୟଜନ୍ତୁ ଏବେ ସହର ମୁହାଁ ହେଉଛନ୍ତି। ଯାହା ଫଳରେ ଏହି ନିରୀହ ପ୍ରାଣୀ ଦୁର୍ଘଟଣା ଶିକାର ହେଉଛନ୍ତି। ଆଜିର ଏହି ଘଟଣାକୁ ଦେଖି କିଛି ବୁଦ୍ଧିଜୀବୀ ବନ ବିଭାଗ ଉପରେ ଅଙ୍ଗୁଳି ଉଠାଇଛନ୍ତି।

### ● ଓଡ଼ିଶା ଡ୍ରାଇଭର ମହାସଂଘର ମହାନତା

## ମୃତ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ



ବୈପାରୀଗୁଡ଼ା,୧୯।୪(ସମିସ): ମହାନତା ଦେଖାଇଲେ ଓଡ଼ିଶା ଡ୍ରାଇଭର ମହାସଂଘ। ମୃତ ଡ୍ରାଇଭରଙ୍କ ପରିବାରକୁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଭଳି ମାନବିକତା ପରିଚୟ ସୃଷ୍ଟି କରି ପାରିଛନ୍ତି କୋରାପୁଟ ଜିଲ୍ଲାର ବୈପାରୀଗୁଡା ବ୍ଲକ ଓଡିଶା ଡ୍ରାଇଭର ମହାସଂଘ। ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନିର୍ଦ୍ଦେଶ ପ୍ରକାରେ ବୈପାରୀଗୁଡା ବ୍ଲକ ବାଲିଗାଁର ମୃତ ଗଗନ ବିହାରୀ ରଥଙ୍କ ପରିବାରକୁ ଆର୍ଥିକ ସହଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଗଗନ ବିହାରୀ ରଥ କିଛି ଦିନ ହେବ ଅସୁସ୍ଥ ଥିବା ବେଳେ କୋରାପୁଟ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ବୈପାରୀଗୁଡା ବ୍ଲକ ଓଡିଶା ଡ୍ରାଇଭର ମହାସଂଘର ଜିଲ୍ଲା ସମ୍ପାଦକ ତଥା ବ୍ଲକ ସଭାପତି ମାଧବ ବିଶୋଇଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଧନୁ ବେହେରା, ଜିଲ୍ଲା କୋଷାଧ୍ୟକ୍ଷ କାଳିଦାସ ପଟ୍ଟନାୟକ, ଜିଲ୍ଲା ଉପଦେଷ୍ଟା ଶିବ ଡାର୍ଲି, ବ୍ଲକ ସମ୍ପାଦକ ନେରେଶ କଂଶାରୀ, କୋଷାଧ୍ୟକ୍ଷ ଶ୍ୟାମ ଘନ ଚଲାଣ, ୧୪ ଗୋଟି ବ୍ଲକ ସଂଘର ବ୍ୟକ୍ତି ବିଶେଷ ମୃତ ପରିବାରକୁ ସାକ୍ଷାତ କରି ପ୍ରଥମେ ଶାନ୍ତି ପଦଯାତ୍ରା କରିଥିଲେ । ରାଜ୍ୟ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ତିରିଶ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଚେକ ଆକାରେ ମୃତ ଡ୍ରାଇଭରଙ୍କ ପରିବାରକୁ ପ୍ରଦାନ କରିଥିଲେ। ଏଥିସହ ଉପସ୍ଥିତ ଡ୍ରାଇଭର କର୍ମକର୍ତ୍ତାଙ୍କ ତରଫରୁ ୪୧ ହଜାର ଏକ ଶହ ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଛି ।

### ● କେବେ ହଟିବ ମୁଖ୍ୟ ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ

## କେବେ ହେବ କଲଭର୍ଟ ପୁନରୁଦ୍ଧାର କାର୍ଯ୍ୟ

ଗୁଡାରୀ,୧୯।୪(ସମିସ): ଦିନକୁ ଦିନ ଗୁଡାରୀ ସହରରେ ଜନସଂଖ୍ୟା ବୃଦ୍ଧି ଏବଂ ଗାଡି ସଂଖ୍ୟା ବୃଦ୍ଧି ଯୋଗୁଁ ପରିଷଦ ମୁଖ୍ୟ ଛକଠାରେ ଅବରୋଧ ଦେଖିବାକୁ ମିଳିଛି। ଏମିତିରେ ସହର ମୁଖ୍ୟ ଛକଟି ଅଣ ଅସାରିଆ ଏବଂ ପ୍ରାୟ ୫୦ ବର୍ଷରୁ ଅଧିକ ହେଲାଣି ଏହି ଛକ ଠାରେ କେଉଁ କାଳରୁ ଦୁଇଟି ବିଦ୍ୟୁତ ଖୁଣ୍ଟ ଯୋଡି ରହିଛି। ସହରର ଆକାର ଜନବସତି ଏବଂ ଶହ ଶହ ଗାଡ଼ିମଟରକୁ ଆଖି ଆଗରେ ରଖି ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସ୍ଥାନାନ୍ତରଣ କରିବା ଆବଶ୍ୟକ ରହିଛି । କିନ୍ତୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏହା ସମ୍ଭବ ହୋଇପାରିନାହିଁ। ଅନ୍ୟପଟେ ସେହି ମୁଖ୍ୟ ଛକଠାରେ ଡ୍ରେନ୍ ପାଣି ଯିବା ପାଇଁ ଯେଉଁ କଲଭର୍ଟ ନିର୍ମାଣ କରାଯାଇଛି, ଏହାର ପୁନରୁଦ୍ଧାର ନ କରିବା ଫଳରେ ଦିନ ତମାମ ଚାରିଚକିଆ କି ଦୁଇଚକିଆ ଯାନ ଯାତାୟତ କରିବା ସମୟରେ ଏହି ଛକ ଅଅବରୋଧ ହେବା ସହ ବୁଲାଣି ସମଯରେ ଯାତାୟତ କରୁଥିବା ଗାଡି ଚାଳକ ଘଣ୍ଟା ଘଣ୍ଟା ଧରି ରହିବାକୁ ପଡ଼ିଥାଏ। ଏଣୁ ତୁରନ୍ତ ଇଲେକ୍ଟ୍ରି ପୋଲକୁ ସ୍ଥାନାନ୍ତରଣ ସହ ନିର୍ମାଣ କରାଯାଇଥିବା ଖାନାକୁ ଓସାର କରିବା ସାଧାରଣ ଲୋକ ଦାବି କରିଛନ୍ତି । ଏମିତିରେ ପରିଷଦ ନିର୍ମାଣର ଦିର୍ଘ୍ୟ ୫୫ ବର୍ଷ ବିତିଯାଇଥିଲେ ମଧ୍ୟ ସହରରେ ପାର୍କ ବ୍ୟବସ୍ଥା ନାହିଁ । ଫଳରେ ପରିଷଦ କିମ୍ବା ବ୍ଲକର ସାଧାରଣ ଲୋକ ପରିବା ଠାରୁ ଆରମ୍ଭ କରି ସମସ୍ତ ନିତ୍ୟ ବ୍ୟବହାରିକ ଜିନିଷ ପାଇଁ ମୁଖ୍ୟ ରାସ୍ତା ଉପରେ ଭରସା କରେ। ଏଣୁ ଏହି ରାସ୍ତା ଅଣଓସାରିଆ ଯୋଗୁଁ ସବୁବେଳେ ଭିଡ ଦେଖିବାକୁ ମିଳୁଛି। ଏଥିପ୍ରତି ପରିଷଦ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସମାଧାନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ଏହି ବିଷୟକୁ ନେଇ ଗୁଡାରୀ ପରିଷଦ ଇଓଙ୍କୁ ପଚାରିବାରୁ ସେ କହିଛନ୍ତି, ତୁରନ୍ତ ଏହାର ସମାଧାନ କରାଯିବ।



### ● ଭାରତୀୟ ମଜଦୂର ସଂଘ ରାମନାଗୁଡା ବ୍ଲକ ସମ୍ମିଳନୀ

## ଶୁଭଜିତ ସଭାପତି, ନରସିଂହ ସମ୍ପାଦକ



ରାମନାଗୁଡା/ରାୟଗଡ,୧୯।୪(ସମିସ): ରାୟଗଡ ଜିଲ୍ଲା ରାମନାଗୁଡା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ରାମନାଗୁଡା ଭାରତୀୟ ମଜଦୂର ସଂଘ (ବିଏମଏସ)ର ବ୍ଲକ ସମ୍ମିଳନୀ ସହ ନୂତନ କର୍ମକର୍ତ୍ତା ଚୟନ ରାଜ୍ୟ ଓ ଜିଲ୍ଲା ପଦାଧିକାରୀ ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଏମଏସର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ବିଏମଏସ ଜିଲ୍ଲା ସଭାପତି ମହନ ରାଓ ମାଝୀ , କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ,ଉପ ସଭାପତି ଦୁର୍ଗା ମାଧବ ଘୋଷ, ଶ୍ରୀମତୀ ଉଷା ରାଣୀ ଦାଶ , ନିରଞ୍ଜନ ସେନାପତି, ସୀମାଞ୍ଚଳ ମିଶ୍ର , ଖ୍ୟମା ସାଗର ଦାଶ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ରୂପେ ମା'ଭାରତୀ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ବିଏମଏସ ପ୍ରତିଷ୍ଠାତା ପରମ ପୂଜନୀୟ ଦନ୍ତୋପନ୍ତ ଠେଙ୍ଗେଡେଜୀଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ସଂଘ ତରଫରୁ ଅତିଥି ତଥା ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅତିଥି ପରିଚୟ ପରେ ମଞ୍ଚର ସଭାପତି ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନୂତନ କମିଟି ଗଠନ ଉପରେ ଆଲୋକପାତ କରିଥିଲେ। ଆଶା, ଅଙ୍ଗନବାଡି, ପାଚିକା, ହସ୍ପିଟାଲ କର୍ମଚାରୀ ସଂଘ , ସିଆରପି ସିଏମ , ସ୍ୱାବଲମ୍ବୀ କାରିଗରୀ ସଂଘ, ନିର୍ମାଣ ଶ୍ରମିକ, ବିଶ୍ୱକର୍ମା ମଜଦୂର ସଂଘ, କୁଲି ମଜଦୂର,, ସ୍ୱାସ୍ଥ୍ୟ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘର ପଦାଧିକାରୀ,ଗଣମାଧ୍ୟମ ପ୍ରତିନିଧି,"ରାଷ୍ଟ୍ରବାଦୀ ଯୁବକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ଶୁଭଜିତ ପଟ୍ଟନାୟକଙ୍କୁ ବ୍ଲକ ସଭାପତି, ଉପ ସଭାପତି ସୁନୀତା ମାଣ୍ଡାଙ୍ଗି, ସମ୍ପାଦକ ନରସିଂହ ପରିଛା , ସହ ସମ୍ପାଦକ ଶ୍ରୀନିବାସ ପାତିକା, କୋଷାଧ୍ୟକ୍ଷ ଭାବେ ପ୍ରସାଦ ଧୋବାଙ୍କ ସହ କାର୍ଯ୍ୟକାରୀ ସଭ୍ୟ ଭାବେ ଗାୟତ୍ରୀ ବଲଲବାଇ, ଇନ୍ଦିରା ପଣ୍ଡା, ଅଭୟ କୁମାର ଶବର, ଯୋଗେନ୍ଦ୍ର ଶବର, ବବିତା କାଡ୍ରାକା, ଜୟା ବିଡିକା, ପଦ୍ମନାଭ କାଡ୍ରାକାଙ୍କ ସମେତ ୭ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ଉପସ୍ଥିତ ଶ୍ରମିକ ନେତାମାନେ ନୂତନ କାର୍ଯ୍ୟକାରିଣୀ ମଣ୍ଡଳୀଙ୍କ ସ୍ୱାଗତ ଜଣାଇଥିଲେ। ନୂତନ ସଭାପତି ଶୁଭଜିତ ପଟ୍ଟନାୟକ ସଭାପତିତ୍ୱ ଅଭିଭାଷଣରେ କହିଥିଲେ ସଭିଙ୍କ ସହଯୋଗରେ ରାଷ୍ଟ୍ର ହିତ, ଔଦ୍ୟୋଗିକ ହିତ ଓ ଶ୍ରମିକ ହିତ ପାଇଁ ସଂଗ୍ରାମ କରିବେ। ପ୍ରତ୍ୟେକ ଶ୍ରମିକ ଆଜିଠାରୁ ତାଙ୍କ ପରିବାର ସଦସ୍ୟ ଏଣୁ ପ୍ରତ୍ୟେକ କ୍ଷେତ୍ରରେ ସେ ସେମାନଙ୍କ ସହିତ ଉପସ୍ଥିତ ରହିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜୟନ୍ତୀ ଗମାଙ୍ଗ , ସଞ୍ଜୁକ୍ତା ହରପାଲ, ପେଦିନା ଉଷା, ସୁନିତା ମାଣ୍ଡାଙ୍ଗି, ବଂଶୀ କଣ୍ଡାଗରି, କୈଳାସ ଶବର, କିରଣ ମୁଟିକା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କରର୍ସ ଆସୋସିଏସନ୍, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ହସ୍ପିଟାଲ କର୍ମଚାରୀ ସଂଘ , ପାଚିକା ସଂଘ , ଏସସିଏମ୍ , ସ୍ୱାବଲମ୍ବୀ କାରିଗର ସଂଘ, ବିଶ୍ୱକର୍ମା ମଜଦୂର ସଂଘ, ମିସ୍ତ୍ରି ସଂଘ ଓ ଖଲାସି ସଂଘ ଯୋଗ ଦେଇଥିଲେ ।

## ତମସା ଶ୍ରୀକ୍ଷେତ୍ର ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା



କୋରୁକୋଣ୍ଡା,୧୯।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ଆଜି ତମସା ଶ୍ରୀକ୍ଷେତ୍ର ମନ୍ଦିର ତଥା ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଇଁ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଟେକଗୁଡ଼ା ନିକଟ ଗଙ୍ଗାଝରର ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ପବିତ୍ର ଜଳକୁ କଳସରେ ସଂଗ୍ରହ କରଯାଇଥିଲା। ଏହି ବିଶାଳ କଳାଯାତ୍ରାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦୦୦ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ୧୦୦୮ଟି ପବିତ୍ର ଜଳ କଳସକୁ ନେଇ ଏହି ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମନ୍ଦିର କମିଟି ପକ୍ଷରୁ କଳସ ଧାରୀ ମାନଙ୍କ ପାଇଁ ନୂତନ ବସ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଆସନ୍ତା କାଲି ଠାରୁ ମନ୍ଦିର ପ୍ରତିଷ୍ଠା ପୂଜା କାର୍ଯ୍ୟ ଆରମ୍ଭ ହେବ ।

## ଇନ୍‌ଟାକ କୋରାପୁଟ ଶାଖା ବୈଠକ



କୋରାପୁଟ,୧୯।୪(ସମିସ): ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ସଭାଗୃହ ଠାରେ ଇନଟାକ, କୋରାପୁଟ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଶାଖା ଆବାହକ ଅଜିତ ପାତ୍ରଙ୍କ ଅଧ୍ୟତାରେ ଆୟୋଜିତ ବୈଠକରେ ଇନ୍‌ଟାକ ମୁଖ୍ୟ ଅନୀଲ ଧିର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାର କଳା ଓ ସଂସ୍କୃତି ତଥା ପ୍ରାଚୀନ ଜୈନ ମୂର୍ତ୍ତି ଗୁଡ଼ିକର ସୁରକ୍ଷା କିପରି କରାଯାଇ ପାରିବ ତାହାକୁ ନେଇ ଆଲୋଚନା କରିଥିଲେ। ଐତିହ୍ୟର ସଂରକ୍ଷଣ ଯଥା ଦୟନୀୟ ଅବସ୍ଥାରେ ରହିଥିବା ଜୈନ ଓ ଶୈବ ପୀଠ ଗୁଡିକର ଉଦ୍ଧାର କରାଯାଇ କିପରି ରକ୍ଷଣାବେକ୍ଷଣ କରାଯିବ ତା ଉପରେ ସେ ଆଲୋକପାତ କରିଥିଲେ। ଯୁବକ ମାନଙ୍କ ନିମନ୍ତେ ଏକ ହେରିଟେଜ କ୍ଲବ ଗଢ଼ାହେବା କଥା ବୋଲି ଶ୍ରୀ ଧିର ନିଜ ବକ୍ତବ୍ୟରେ କହିଥିଲେ। ସାହିତ୍ୟିକ ଗୋପିନାଥ ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ସହୀଦ ଲକ୍ଷ୍ମଣ ନାୟକଙ୍କ ନିମନ୍ତେ ସଂଗ୍ରହାଳୟ ପ୍ରତିଷ୍ଠା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଇଂ ସୁନୀଲ ବିଶ୍ୱାଳ, ସୁଧାକର ପଟ୍ଟନାୟକ, ଦିଗାମ୍ବର ଷଡଙ୍ଗୀ ଏବଂ ନୂତନ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ସାଣ୍ଡେର ଗ୍ରାମବାସୀ

### ଗ୍ରାମକୁ ସଂଯୋଗ ହୋଇନି ପକ୍କା ସଡ଼କ

ନନ୍ଦପୁର,୧୯।୪ (ସମିସ): ଭାରତ ସ୍ୱାଧୀନତା ୭୯ ବର୍ଷ ପରେ ମଧ୍ୟ ଅନେକ ଗାଁ ରହିଛି, ଯେଉଁ ଗାଁର ଗ୍ରାମବାସୀ ମୌଳିକ ସୁବିଧା ଟିଏ ପାଇଁ ଆଜି ମଧ୍ୟ ଅନେଇ ବସିଛନ୍ତି । ରାସ୍ତା ଘାଟ, ଗମନାଗମନ, ପାନୀୟ ଜଳ ସମସ୍ୟା, ଶିକ୍ଷା ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧାରୁ ବହୁ ଦୂରରେ। ଏପରି ଗାଁ କୋରାପୁଟ ଜିଲ୍ଲାରେ ଅନେକ ରହିଛି । ସରକାରଙ୍କ ଯୋଜନା ତ ଗାଁ ନାଁରେ ହେଉଛି, ହେଲେ କାମ ନେତା, ପ୍ରଶାସନର ପକେଟ୍‌ରେ। ଯୋଜନା 'ମୋ ଓଡ଼ିଶା, ମୋ ଗାଁ' 'ବିକଶିତ ଗାଁ ବିକଶିତ ଓଡ଼ିଶା'। ହେଲେ ନନ୍ଦପୁର ବ୍ଲକ ସୀମାନ୍ତ ପାଛ ଲୁଙ୍ଗ ଗ୍ରାମପଞ୍ଚାୟତ ସାଣ୍ଡେର ଗ୍ରାମରେ ଏଇ ସବୁ ଯୋଜନା ମୂଲ୍ୟହୀନ। ଏହି ଗ୍ରାମରେ କୋଡ଼ିଏ ପରିବାର ବସବାସ କରୁଛନ୍ତି। ମୋଟ ଜନସଂଖ୍ୟା ଏକ ଶହ । ଜୀବନ ଜୀବିକା କହିଲେ ଚାଷ ଓ ଜଙ୍ଗଲ ଉପରେ ନିର୍ଭରଶୀଳ। ଆଜି ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ମଧ୍ୟ ପକ୍କା ସଡ଼କ ଟିଏ ନାହିଁ। ସଡ଼କ ତ ଦୂରର କଥା ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ମଧ୍ୟ ଭାଗ୍ୟରେ ନାହିଁ। ଦୁଇଟି ନଳକୂଅ ଖନନ କରାଯାଇଥିବା ବେଳେ ମାସ ମାସ ଧରି ଅଚଳ ରହି ଲୋକେ ଚୁଆ ପାଣି ଉପରେ ଭରସା ରଖି ଚଳି ଆସୁଛନ୍ତି । ଗାଁକୁ ଅଙ୍ଗନବାଡି ଦିଦି ନା ଗାଁ ପିଲା ପାଇଁ ସ୍କୁଲ । ଗାଁ ପାଖ ହାଟ ଗୁଡା ଗ୍ରାମକୁ ସ୍କୁଲ ଆସିଥିବା ବେଳେ ବହୁ କଷ୍ଟରେ ଗ୍ରାମ ଦୁଇ ଛାତ୍ର ନନ୍ଦପୁର ମହାବିଦ୍ୟାଳୟରେ ଅଧ୍ୟୟନରତ। ଆଜିର ଦିନରେ ମଧ୍ୟ ଗମନାଗମନ ଓ ପାନୀୟ ଜଳ ସମସ୍ୟାରେ ଗ୍ରାମବାସୀ। ନା ପ୍ରଶାସନ ନା ଲୋକ ପ୍ରତିନିଧି କାହାରି ଏଥିପ୍ରତି ନଜର ପଡୁନାହିଁ।



## ପାନୀୟ ଜଳ ସଙ୍କଟ, ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୯।୪(ସମିସ): ଗ୍ରୀଷ୍ମ ଋତୁ ଆରମ୍ଭରୁ ଲୋକେ ପାନୀୟ ଜଳ ସମସ୍ୟା ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସ୍ଥାନରେ ଲୋକେ ଚୁଆଁ, ନଦୀ ନାଳ ପାଣି ବ୍ୟବହାର କରୁଥିବା ବେଳେ କେତେକ ସ୍ଥାନରେ ଅବ୍ୟବହୃତ ନଳକୂପ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏଭଳି ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇ ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗଣିଗୁଡା ଗ୍ରାମବାସୀ ଶେଷରେ ଜିଲ୍ଲାପାଳଙ୍କ ନିକଟରେ ହାଜର ହୋଇ ଜଳ ସମସ୍ୟା ଦୂର କରିବାକୁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଟାଙ୍ଗଣିଗୁଡା ଗ୍ରାମରେ ପ୍ରାୟ ୪୦ ବର୍ଷ ପୂର୍ବରୁ ୪ ଟି ନଳକୂପ ଖୋଳା ଯାଇଥିଲା କିନ୍ତୁ ବର୍ତ୍ତମାନ ସେଗୁଡ଼ିକ ଅଦରକାରୀ ହୋଇ ପଡ଼ିଛି। ଅଧା ଅଚଳ ହୋଇ ପଡ଼ିଥିବା ବେଳେ ଆଉ ଦୁଇଟିରେ ଗୋଳିଆ ପାଣି ବାହାରୁଥିବା ଗ୍ରାମବାସୀ ମତବ୍ୟକ୍ତ କରିଥିଲେ। ସାଙ୍ଗରେ ସେମାନେ ବ୍ୟବହାର କରୁଥିବା ନାଳର ଗୋଳିଆ ପାଣିକୁ ବୋତଲରେ ମଧ୍ୟ ଆଣିଥିଲେ। ଗ୍ରାମରେ ୬୦ ପରିବାର ବାସ କରୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ପାଇଁ ଜଳ ସମସ୍ୟା ଚିନ୍ତାର ବିଷୟ ହୋଇଛି। ମହିଳା ମାନେ ଗୋରାଏ ପାଣି ପାଇଁ ରାତି ଅନିଦ୍ରା ହୋଇ ଭୋର ୪ଟାରୁ ନାଳକୁଅରେ ଲାଇନରେ ଛିଡ଼ା ହେଉଛନ୍ତି। ପାଣି ପାଇଁ ପ୍ରତିଦିନ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିବା ନିତିଦିନିଆ ବ୍ୟାପାର ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମବାସୀ ବହୁବାର ସ୍ଥାନୀୟ ସରପଞ୍ଚ, ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧହୋଇ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ କୋରାପୁଟ ଆସିଥିବା କହିଛନ୍ତି। ଜିଲ୍ଲାପାଳଙ୍କୁ ଭେଟିବା ସମ୍ଭବ ନହେବାରୁ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ସାକ୍ଷାତ କରି ସେମାନଙ୍କ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଲୋକଙ୍କ ଅଭିଯୋଗ ଶୁଣିବା ପରେ ଦଶମନ୍ତପୁର ବିଡ଼ିଓଙ୍କୁ ଫୋନ ମାଧ୍ୟମରେ ସମ୍ପର୍କ କରି ଟାଙ୍ଗଣିଗୁଡା ଗ୍ରାମର ସମସ୍ତ ନଳକୂପ ମରାମତି କରିବା ସହ ଗ୍ରସମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

